# ଲାଞ୍ଜିଗଡ଼ ବେଦାନ୍ତକୁ ସ୍ୱଚ୍ଛତା ପ୍ରକଳ୍ପ ପାଇଁ 'ସିଏସଆର ହେଲ୍‌ଥ ଇମ୍ପାକ୍ଟ ଆୱାର୍ଡ'




ଭବାନୀପାଟଣା, ୨୮।୬ (ଇମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଆଲୁମିନିୟମ ରିଫାଇନାରି ୟୁନିଟ୍ ଏହାର ସ୍ୱଚ୍ଛତା କାର୍ଯ୍ୟକ୍ରମ ପାଇଁ 'ସିଏସ୍‌ଆର ହେଲ୍‌ଥ ଇମ୍ପାକ୍ଟ ଆୱାର୍ଡ- ୨୦୧୯' ଦ୍ୱାରା ସମ୍ମାନିତ ହୋଇଛି। ନୂଆଦିଲ୍ଲୀସ୍ଥିତ ଆଇଏଟଡବ୍ଲୁ କାଉନସିଲଠାରେ ପ୍ରଫେସର ସିବ୍ ସାରିନ୍, ଆଇଏଲବିଏସ୍ ଏବଂ ଇନ୍ଦ୍ରପ୍ରସ୍ଥ ଆପୋଲୋ ହସ୍ପିଟାଲର କରନ୍ ଠାକୁରଙ୍କ ଦ୍ୱାରା ଏହି ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ଗ୍ରହଣ କରି ଆଲୁମିନା ବିଜିନେସ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାହୁଲ ଶର୍ମା କହିଥିଲେ ଯେ, ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ ୟୁନିଟ୍‌ର ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅତି ବ୍ୟବସ୍ଥିତ ଭାବେ କାର୍ଯ୍ୟକାରୀ ହୋଇଛି। ସରକାରଙ୍କ ଦ୍ୱାରା ପ୍ରତ୍ୟେକ ଗ୍ରାମରେ ଚାଲିଥିବା 'ଖୋଲା ସ୍ଥାନ ମଳତ୍ୟାଗ ମୁକ୍ତ' ଯୋଜନାକୁ ସୁନ୍ଦର ଭାବେ କାର୍ଯ୍ୟକାରୀ କରିପାରିଛି। ଏକ ସୁନ୍ଦର ତଥା ସମସ୍ତଙ୍କୁ ଏକ ସ୍ୱଚ୍ଛ ପରିବେଶ ଯୋଗାଇବା ବେଦାନ୍ତର ସଂକଳ୍ପ ବୋଲି ସେ କହିଥିଲେ।